ସୂଚନା ସମ୍ବଳିତ ସମ୍ମତି ପତ୍ର

# ଗ୍ଲୋବାଲସର୍ଜ 4: ଗ୍ଲୋବାଲ୍ ଇଭାଲୁଏସନ୍ ଅଫ୍ କୋଲେସିଷ୍ଟେକ୍ଟୋମି ନଲେଜ୍ ଆଣ୍ଡ୍ ଆଉଟକମ୍ସ (Gecko)

ସଂସ୍କରଣ **1.0** ଦିନାଙ୍କିତ **27.02.2023**

## ପରିଚୟ:

କୋଲେସିଷ୍ଟେକ୍ଟୋମି ହେଉଛି ବିଶ୍ୱସ୍ତରରେ କରାଯାଉଥିବା ସାଧାରଣ ସର୍ଜିକାଲ୍ ଅପରେସନଗୁଡିକ ମଧ୍ୟରୁ ଗୋଟିଏ। ସର୍ଜିକାଲ୍ ପ୍ରାର୍ଥୀମାନଙ୍କର ଚିକିତ୍ସା ବିଲିୟାରି ପାଥୋଲୋଜି ପାଇଁ କରାଯାଏ ଯେପରିକି ବିଲିୟାରି କୋଲିକ୍, କୋଲେସିଷ୍ଟାଇଟିସ୍ ଏବଂ ଗାଲଷ୍ଟୋନ୍ ପାନକ୍ରିୟାଇଟିସ୍। ଯେଉଁ ରୋଗୀମାନେ ଅସ୍ତ୍ରୋପଚାର ପାଇଁ ଯୋଗ୍ୟଥିବାର ବିବେଚନା କରାଯାଏ, କୋଲେସିଷ୍ଟେକ୍ଟୋମି ତିନୋଟି ମୁଖ୍ୟ ସେଟିଂସରେ କରାଯାଇପାରିବ: (1) ଇଣ୍ଡେକ୍ସ ଆଡମିସନରେ ଜରୁରୀକାଳୀନ ସେଟିଙ୍ଗ୍; (2) କୌଣସି ପୂର୍ବ ଆଡମିସନ ସହିତ ଚୟନକାରୀ ସେଟିଙ୍ଗ; କିମ୍ବା (3) ଏକ କିମ୍ବା ଅଧିକ ପୂର୍ବ ଗାଲବ୍ଲାଡର ସମ୍ବନ୍ଧିତ ଆଡମିସନ ସହିତ ବିଳମ୍ବିତ ସେଟିଙ୍ଗ। ଲାପାରୋସ୍କୋପିର ଆଗମନ ଫଳରେ ବିଲିୟାରି ସର୍ଜରୀ ବିକଶିତ ହୋଇଥିଲା ଏବଂ ଖୁବ୍ ଶୀଘ୍ର "ଗୋଲ୍ଡ ଷ୍ଟାଣ୍ଡାର୍ଡ" ପଦ୍ଧତିରେ ପରିଣତ ହୋଇଥିଲା। ସାମ୍ପ୍ରତିକ ବହୁକୈନ୍ଦ୍ରିକ ସହଯୋଗୀ ଅଧ୍ୟୟନରୁ ସ୍ପଷ୍ଟ ହୋଇଛି ଯେ ଲାପାରୋସ୍କୋପିକ୍ କୋଲେସିଷ୍ଟେକ୍ଟୋମି ଦ୍ୱାରା ସ୍ୱାସ୍ଥ୍ୟସେବା ଉପରେ ଲାଗୁ ହୋଇଥିବା ଭାର ମୁଖ୍ୟତଃ ରୋଗୀ ପୁଣିଥରେ ଭର୍ତ୍ତି ହେବା ଓ ଅପରେସନରୁ ଉତ୍ପନ୍ନ ହେଉଥିବା ଜଟିଳତା କାରଣରୁ ହୋଇଥାଏ, ପେରିଅପରେଟିଭ୍ ମୃତ୍ୟୁହାର ର ଭାର କାରଣରୁ ନୁହେଁ, ଯାହା ସାଧାରଣତଃ ଓପନ୍ ସର୍ଜରିରେ ଦେଖାଯାଉଥିଲା। ସ୍ୱଳ୍ପ ଏବଂ ମଧ୍ୟମ ଆୟ ଥିବା ଦେଶ ସମେତ ଆନ୍ତର୍ଜାତୀୟ ସ୍ତରରେ ଗାଲବ୍ଲାଡର ରୋଗ ପାଇଁ ଲାପାରୋସ୍କୋପିକ୍ ସର୍ଜରୀର ସୁରକ୍ଷିତ ପ୍ରାବଧାନର ବିବିଧତା ରହିଛି। ଏହି ଜ୍ଞାନର ବ୍ୟବଧାନକୁ ଦୂର କରାଇବା ଉଦ୍ଦେଶ୍ୟ ନେଇ ଗ୍ଲୋବାଲ୍ ଇଭାଲୁଏସନ୍ ଅଫ୍ କୋଲେସିଷ୍ଟେକ୍ଟୋମି ନଲେଜ୍ ଆଣ୍ଡ ଆଉଟକମ୍ସ (GECKO) ଅଧ୍ୟୟନ (ଗ୍ଲୋବାଲସର୍ଜ୍ 4) ଗ୍ଲୋବାଲ୍ ସର୍ଜ ନେଟୱାର୍କ ଦ୍ୱାରା ପ୍ରଦାନ କରାଯାଇଥିବା ଏକ ଆନ୍ତର୍ଜାତୀୟ ସହଯୋଗୀ ପ୍ରୟାସ ହେବ, ଯେଉଁଥିରେ ଭିତ୍ତିଭୂମି, ଯତ୍ନ ପ୍ରକ୍ରିୟା ଏବଂ ଫଳାଫଳକୁ ଅନ୍ତର୍ଭୁକ୍ତ କରି କୋଲେସିଷ୍ଟେକ୍ଟୋମିର ଗୁଣବତ୍ତା ଉପରେ ସମସାମୟିକ ତଥ୍ୟ ସଂଗ୍ରହ କରାଯିବ।

## ଅଧ୍ୟୟନର ଉଦ୍ଦେଶ୍ୟ କ'ଣ?

GECKO ହେଉଛି ଗ୍ଲୋବାଲସର୍ଜ୍ କୋଲାବରେଟିଭ୍ ଦ୍ୱାରା ପ୍ରଦାନ କରାଯାଉଥିବା ଏକ ସମ୍ଭାବିତ, ଆନ୍ତର୍ଜାତୀୟ, ବହୁକୈନ୍ଦ୍ରିକ, ଅବଲୋକନ ସମ୍ବନ୍ଧିତ କୋହୋର୍ଟ୍ ଅଧ୍ୟୟନ। ଏହି ଅଧ୍ୟୟନର ମୂଳ ଉଦ୍ଦେଶ୍ୟ ହେଉଛି ପ୍ରି-, ଇଣ୍ଟ୍ରା- ଏବଂ ପୋଷ୍ଟ-ଅପରେଟିଭ୍ ଅଡିଟ୍ ମାନାଙ୍କଗୁଡିକର ଅନୁପାଳନରେ ବିଶ୍ୱସ୍ତରୀୟ ଭିନ୍ନତାକୁ ପରିଭାଷିତ କରିବା। ଏହା 31 ଜୁଲାଇ 2023 ରୁ 19 ନଭେମ୍ବର 2023 ମଧ୍ୟରେ କୋଲେସିଷ୍ଟେକ୍ଟୋମିରେ ପୀଡିତ ଥିବା କ୍ରମାଗତ ରୋଗୀମାନଙ୍କ ଉପରେ କରାଯିବ, ଯେଉଁଥିରେ ଅପରେସନର 30 ଦିନ ଓ ଏକ ବର୍ଷ ପରେ ଏକ ଅନୁବର୍ତ୍ତନ କରାଯିବ।

## ଆପଣଙ୍କର ଅଂଶଗ୍ରହଣ କ'ଣ ଅନ୍ତର୍ଭୁକ୍ତ କରିବ?

ଏହି ଅଧ୍ୟୟନରେ ଆପଣଙ୍କର ଅଂଶଗ୍ରହଣର ଅର୍ଥ ହେଉଛି ଏହା ଯେ ଆମେ ଆପଣଙ୍କର ଜନସାଂଖ୍ୟିକ ସମ୍ବନ୍ଧିତ ସୂଚନା ସଂଗ୍ରହ କରିବୁ ଓ ଡାକ୍ତରଖାନାରେ ଆପଣଙ୍କ ଚିକିତ୍ସାର ଗତି ଉପରେ ନଜର ରଖିବୁ। ଆପଣ ଅଧ୍ୟୟନରେ ଭାଗ ନେବାକୁ ସ୍ଥିର କରନ୍ତୁ କିମ୍ବା ନ କରନ୍ତୁ, ଆପଣଙ୍କର ଦୈନନ୍ଦିନ ଯତ୍ନରେ କୌଣସି ପରିବର୍ତ୍ତନ ହେବ ନାହିଁ। ଆପଣଙ୍କୁ କୌଣସି ଅତିରିକ୍ତ ପରୀକ୍ଷା କିମ୍ବା ପ୍ରଣାଳୀ ଦେଇ ଯିବାକୁ ହେବ ନାହିଁ। ଯଦି ଆପଣ ଅଂଶଗ୍ରହଣ କରିବାକୁ

ଚାହାଁନ୍ତି, ଆପଣଙ୍କ ସ୍ୱାସ୍ଥ୍ୟସେବା ଦଳର ଜଣେ ସଦସ୍ୟ ଆପଣଙ୍କୁ ଏକ ସମ୍ମତି ଫର୍ମରେ ସ୍ୱାକ୍ଷର କରିବାକୁ କହିବେ। ଆପଣଙ୍କୁ ଆଉ କିଛି କରିବାକୁ ହେବ ନାହିଁ।

ଆପଣଙ୍କ ଚିକିତ୍ସା ସମ୍ବନ୍ଧରେ ଆପଣଙ୍କର ଡାକ୍ତରୀ ରେକର୍ଡରୁ ତଥ୍ୟ ସଂଗ୍ରହ କରାଯିବ। ଏହି ତଥ୍ୟ ସଂପୂର୍ଣ୍ଣ ଅଜ୍ଞାତ ରହିବ ଯାହାଫଳରେ ଆପଣ ଏଥିରୁ ଚିହ୍ନଟ ହୋଇପାରିବେ ନାହିଁ।

ଏହି ଅଧ୍ୟୟନରେ ଅଂଶଗ୍ରହଣ ସମ୍ପୂର୍ଣ୍ଣ ସ୍ୱେଚ୍ଛାକୃତ ଅଟେ ଓ ଆପଣ ସମ୍ମତି ଫର୍ମରେ ସ୍ୱାକ୍ଷର କରିବା ଦିନଠାରୁ ଏକ ବର୍ଷ ମଧ୍ୟରେ ଆପଣ ଅଧ୍ୟୟନରୁ ପ୍ରତ୍ୟାହାର କରିପାରିବେ। ଆପଣ କାହିଁକି ପ୍ରତ୍ୟାହାର କରିବାକୁ ଚାହୁଁଛନ୍ତି ଏହାର ଏକ କାରଣ ଦେବାର କୌଣସି ଆବଶ୍ୟକତା ନାହିଁ ଓ ଏହା କରିବା ଆପଣଙ୍କ ଚିକିତ୍ସା ଉପରେ ପ୍ରଭାବ ପକାଇବ ନାହିଁ।

ଏଥିରେ ଅଂଶଗ୍ରହଣ କରିବା ସହ ଜଡିତ ବିପଦ ଓ ଲାଭ କ'ଣ?

ଯଦି ଆପଣ ଏହି ଅଧ୍ୟୟନରେ ଅଂଶଗ୍ରହଣ କରିବାକୁ ରାଜି ହୁଅନ୍ତି ତେବେ ଆପଣ କୌଣସି ଅତିରିକ୍ତ ବିପଦର ସମ୍ମୁଖୀନ ହେବେ ନାହିଁ। ଏହାର କାରଣ ହେଉଛି ଆପଣଙ୍କର ଚିକିତ୍ସା ସମ୍ବନ୍ଧିତ କୌଣସି ପରିବର୍ତ୍ତନ ହେବ ନାହିଁ। ଆମେ କେବଳ ଆପଣଙ୍କର ସାଧାରଣ ଚିକିତ୍ସା ଉପରେ ନଜର ରଖିବାକୁ ଚାହୁଁଛୁ। ସାଧାରଣ ଚିକିତ୍ସାଠାରୁ ଏଥିରେ କୌଣସି ଅତିରିକ୍ତ ବିପଦ ରହିବ ନାହିଁ ଓ ଆପଣ ଏଥିରେ ଭାଗ ନେବାକୁ ସ୍ଥିର କରନ୍ତୁ କିମ୍ବା ନ କରନ୍ତୁ, ଆପଣଙ୍କ ଚିକିତ୍ସାରେ କୌଣସି ପରିବର୍ତ୍ତନ କରାଯିବ ନାହିଁ।

ମୋ ଠାରୁ କେଉଁ ତଥ୍ୟ ସଂଗ୍ରହ କରାଯିବ?

ଆମେ ଆପଣଙ୍କର ଡାକ୍ତରଖାନାକୁ ଆସିବାର କାରଣ, ଆପଣ କରାଇଥିବା ପରୀକ୍ଷା ଓ ଡାକ୍ତରଖାନାରେ ଗ୍ରହଣ କରୁଥିବା ଚିକିତ୍ସା ବିଷୟରେ ଆମେ ପୃଷ୍ଠଭୂମି ଚିକିତ୍ସା ସୂଚନା, ତଥ୍ୟ ସଂଗ୍ରହ କରିବୁ।

ଅଧିକ ସୂଚନା

ଯଦି ଆପଣଙ୍କର ଅନ୍ୟ କୌଣସି ପ୍ରଶ୍ନ ଥାଏ, ତେବେ ଦୟାକରି ଏହି ଅଧ୍ୟୟନର କୌଣସି ବିଷୟରେ ଡାକ୍ତରଙ୍କୁ ପଚାରିବାକୁ କୁଣ୍ଠାବୋଧ କରନ୍ତୁ ନାହିଁ।
ଆପଣ ତଳେ ଉଲ୍ଲେଖ କରାଯାଇଥିବା ଦଳ ସହିତ ଯୋଗାଯୋଗ କରିପାରିବେ:

**ମୁଖ୍ୟ ଅନୁସନ୍ଧାନକାରୀଙ୍କ ନାମ:**
**ଯୋଗାଯୋଗ ନମ୍ବର**
**ଇମେଲ୍:**

**ନୈତିକ କମିଟିର ନାମ:**
**ଅଧ୍ୟକ୍ଷଙ୍କ ନାମ:**
**ଇମେଲ୍:**
**ନୈତିକ କମିଟି ଠିକଣା:**